Vol VIII Issue No.171 Thursday, 21 June 2007






previous || next

# ଆଇଆଇଟି ଓଡ଼ିଶାର ନ୍ୟାଯ୍ୟ ଦାବି

Click to enlarge text: A A A A

ସେ କହିଥିଲେ ଏନ୍‌ଡିଏ ସରକାର ୬ ବର୍ଷ କେନ୍ଦ୍ରରେ ଶାସନ କରିଥିଲେ ମଧ କୌଣସି କେନ୍ଦ୍ରୀୟ ପ୍ରତିଷ୍ଠାନ ଏଠାରେ ସ୍ଥାପନ କରିବାରେ ସମର୍ଥ ହୋଇ ନ ଥିବାବେଳେ ରାଜନୈତିକ ଫାଇଦା ନେବା ପାଇଁ ଏହି ପ୍ରସଙ୍ଗ ଏବେ ଉଠାଉଛି । ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ ଅନୁସାରେ ରାଜ୍ୟର ୨୪ଟି ଜିଲାକୁ ଏବଂ ପଛୁଆ ଅଞ୍ଚଳ ବିକାଶ ଯୋଜନାରେ ୬ଟି ଜିଲାକୁ ଅର୍ଥ ପ୍ରଦାନ କରାଯାଉଛି । କେବିକେ ପାଇଁ ପ୍ରତିବର୍ଷ ୨୫୦ କୋଟି ଟଙ୍କା ଦିଆଯାଉଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାରେ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିବା ବେଳେ ସାମ୍ବାଦିକମାନେ ଏହାର ବିରୋଧ କରିଥିଲେ । ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ମାତ୍ର ୨ଟି ଜିଲାକୁ ସାମିଲ କରାଯାଇଛି ବୋଲି କୁହାଯାଇଥିଲା ।

ସେ କହିଲେ ଯେ, ଖଣିଜ ସମ୍ପଦ ପରିପୂର୍ଣ୍ଣ ଥିବା ଅଞ୍ଚଳ ସେହିସବୁ ରାଜ୍ୟ ପାଇଁ ଏକ ଅଭିଶାପ । ଦେଶର ରାଜନୈତିକ ନେତୃବୃନ୍ଦ ଏବଂ ଅମଲାମାନେ ସେମାନଙ୍କର ୯୯.୯୯%ସମୟ ଖଣିଜ ସମ୍ପଦ ବିକାଶ ଦିଗରେ ବ୍ୟୟ କରୁଛନ୍ତି । ଏଥିରେ ଏତେ ସମୟ ଦେବା ପରିବର୍ତ୍ତେ ଅନ୍ୟାନ୍ୟ ଦିଗର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଶ୍ୱର ସମସ୍ତ ଖଣିଜ ସମ୍ପଦ ସମୃଦ୍ଧ ଅଞ୍ଚଳ ଗରିବ ବୋଲି ସେ ଉଦାହରଣ ମାଧ୍ୟମରେ କହିଥିଲେ । ଓଡ଼ିଶାରେ ଆଗାମୀ ଦିନରେ ରପ୍ତାନି ବୃଦ୍ଧି ପାଇଁ ନିଆଯିବାକୁ ଥିବା ପଦକ୍ଷେପ ବିଷୟରେ ସେ କହିଲେ ଯେ, କୃଷି ଉତ୍ପାଦ ରପ୍ତାନି ବିକାଶ କର୍ତ୍ତୃପକ୍ଷ (ଏପିଇଡିଏ) ପକ୍ଷରୁ ଭୁବନେଶ୍ୱର ବିମାନବନ୍ଦରଠାରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ । ବିମାନବନ୍ଦରର ନିର୍ଦ୍ଦେଶକଙ୍କ ସହ ସେ ଗତକାଲି ଏ ବିଷୟରେ କଥାବାର୍ତ୍ତା କରିଛନ୍ତି । ଏଥିପାଇଁ ସ୍ଥାନ ଚିହ୍ନଟ ହୋଇସାରିଛି । ୩/୪ମାସ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଜୈବ ପ୍ରଣାଳୀରେ କନ୍ଧମାଳରେ ଚାଷ ହେଉଥିବା

previous || next




www.Starware.com/News Feedback - Ads by Google

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.